# NATIONAL NEWS BULLETIN (ODIA)

## 28 February - 2026

## Morning Bulletin : 7.15 a.m.

******************************

# ମୁଖ୍ୟ ସମ୍ବାଦ

- ୧୪ ବର୍ଷ ବୟସର ବାଳିକାଙ୍କ ଲାଗି ରାଷ୍ଟ୍ରବ୍ୟାପୀ **HPV** ଟିକାକରଣର ଆଜି ରାଜସ୍ଥାନରେ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।
- ରାଜସ୍ଥାନ ଓ ଗୁଜରାଟକୁ ଆଜି ଗସ୍ତ କରି ପ୍ରଧାନମନ୍ତ୍ରୀ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର  କରିବେ ଶିଳାନ୍ୟାସ ଓ ଉଦ୍‌ଘାଟନ
- ଭାରତ ନେପାଳ ସୀମା ପରିଚାଳନା ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ଉପରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଗୁରୁତ୍ୱାରୋପ
- ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପଶ୍ଚିମବଙ୍ଗରେ ଆଜି  ପ୍ରକାଶ ପାଇବ ଅସମାପ୍ତ ଚୂଡ଼ାନ୍ତ ଭୋଟର ତାଲିକା

ଏବଂ

- ଟି-୨୦ ବିଶ୍ୱକପ୍ କ୍ରିକେଟ୍‌ର ସୁପର୍-୮ ପର୍ଯ୍ୟାୟରେ ଗ୍ରୁପ୍-୨ରେ ଗତକାଲି ନ୍ୟୁଜିଲ୍ୟାଣ୍ଡକୁ ୪ ଓ୍ୱିକେଟ୍‌ରେ ପରାସ୍ତ କଲା ଇଂଲଣ୍ଡ ।

# ପିଏମ୍ – HPV ଟିକାକରଣ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜସ୍ଥାନର ଆଜମେର୍‌ଠାରେ ୧୪ ବର୍ଷର ବାଳିକାଙ୍କ ଲାଗି ରାଷ୍ଟ୍ରବ୍ୟାପୀ **HPV** ଟିକାକରଣର ଶୁଭାରମ୍ଭ କରିବେ । ଜରାୟୁ କର୍କଟ ବିଲୋପ କରିବା ସହିତ 'ସ୍ୱସ୍ଥ ନାରୀ' ଲକ୍ଷ୍ୟ ହାସଲ ଦିଗରେ ଏହି ପଦକ୍ଷେପ ସରକାରଙ୍କ ପ୍ରତିବଦ୍ଧତାର ଏକ ଅଂଶ । ମହିଳା ସ୍ୱାସ୍ଥ୍ୟସେବାକୁ ମଜବୁତ କରିବା, ପ୍ରତିଷେଧକ ସ୍ୱାସ୍ଥ୍ୟବ୍ୟବସ୍ଥାକୁ ସଶକ୍ତ କରିବା ତଥା ଦେଶରେ ବାଳିକାମାନଙ୍କ ଭବିଷ୍ୟତ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ଦିଗରେ ଏହା ସରକାରଙ୍କ ଏକ ବଡ଼ ପଦକ୍ଷେପ । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ବର୍ଷ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧କୋଟି ୧୫ ଲକ୍ଷ ବାଳିକାଙ୍କୁ ସାମିଲ କରାଯିବ । ନିର୍ଦ୍ଦିଷ୍ଟ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ଟିକାକରଣ ବିନାମୂଲ୍ୟରେ କରାଯିବ। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ଓ ଉପଜିଲ୍ଲା ହସ୍ପିଟାଲ ଏବଂ ସରକାରୀ ମେଡ଼ିକାଲ କଲେଜ ହସ୍ପିଟାଲରେ ଏହି ଟିକାକରଣ କରାଯିବ । ଟିକାକରଣ ପର୍ଯ୍ୟାୟକୁ ତାଲିମପ୍ରାପ୍ତ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ତଦାରଖ କରାଯିବ । ଏହାଦ୍ୱାରା ଟିକାକରଣ ପରବର୍ତ୍ତୀ ଯେକୌଣସି ବିରଳ ପାର୍ଶ୍ୱପ୍ରତିକ୍ରିୟା ମାମଲାର ତୁରନ୍ତ ଚିକିତ୍ସା ସହାୟତା ଓ ପରିଚାଳନା ସୁନିଶ୍ଚିତ କରାଯାଇ ପାରିବ ।

ଭାରତରେ ମହିଳାମାନଙ୍କ କ୍ଷେତ୍ରରେ ଦେଖାଦେଉଥିବା କର୍କଟରୋଗ ମଧ୍ୟରୁ ଜରାୟୁ କର୍କଟର ସ୍ଥାନ ଦ୍ୱିତୀୟରେ ରହିଛି । ଗ୍ଲୋବକାନ୍ -୨୦୨୨ର ତଥ୍ୟ ଅନୁଯାୟୀ ବାର୍ଷିକ ୧ ଲକ୍ଷ ୨୦ ହଜାରରୁ ଅଧିକ ନୂତନ କର୍କଟରୋଗୀ ସଂକ୍ରମିତ ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୮୦ ହଜାରଙ୍କର ମୃତ୍ୟୁ ହେଉଛି । ଏହାକୁ ଦୃଷ୍ଟିରେ ରଖି ସରକାର ଏହି ଟିକାକରଣ ଅଭିଯାନ ଆରମ୍ଭ କରିଛନ୍ତି ।

ଦେଶବ୍ୟାପୀ ଜରାୟୁ କର୍କଟ ବିଲୋପ କରିବା ଦିଗରେ ୧୪ ବର୍ଷ ବାଳିକାଙ୍କ ଲାଗି କେନ୍ଦ୍ର ସରକାରଙ୍କ ଦ୍ୱାରା **HPV** ଟିକାକରଣର ଶୁଭାରମ୍ଭ ଅବସରରେ ଭାରତୀୟ ଭେଷଜ ବିଶେଷଜ୍ଞ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି । ଏକ ପତ୍ରରେ ଆଇଏମ୍ଏ କହିଛି, ଏହାଦ୍ୱାରା ଦେଶର ଲକ୍ଷଲକ୍ଷ ମହିଳାଙ୍କର ଜୀବନ ଓ ସ୍ୱାସ୍ଥ୍ୟ ସୁରକ୍ଷିତ ରହିପାରିବ । ଏହି ମହତ୍ତ୍ୱାକାଂକ୍ଷୀ ଅଭିଯାନକୁ ସମର୍ଥନ କରିବାରେ ଆଇଏମ୍ଏ ସଂପୂର୍ଣ୍ଣ ପ୍ରତିବଦ୍ଧ ବୋଲି ପତ୍ରରେ ଉଲ୍ଲେଖ କରାଯାଇଛି ।

## ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜସ୍ଥାନ ଏବଂ ଗୁଜରାଟ ଗସ୍ତରେ ଯିବେ । ରାଜସ୍ଥାନ ଗସ୍ତ କାଳରେ ଶ୍ରୀ ମୋଦୀ ଆଜମିର୍ ଠାରେ ୧୬ ହଜାର କୋଟି ଟଙ୍କା ବ୍ୟୟରେ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି । ଏହି

ପ୍ରକଳ୍ପଗୁଡ଼ିକ ମଧ୍ୟରେ ସହରାଞ୍ଚଳ ବିକାଶ, ପାନୀୟ ଜଳ ଯୋଗାଣ, ସଡ଼କ, ଜଳସେଚନ, ଶକ୍ତି, ଶିଳ୍ପ ଭିତ୍ତିଭୂମି କ୍ଷେତ୍ର ରହିଛି ।

ଶ୍ରୀ ମୋଦୀ ଏହି ଅବସରରେ ସେଠାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । ରାଜ୍ୟରେ ସଡ଼କ ଯୋଗାଯୋଗ ବିକାଶ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ବନ୍ଦିକୁଇରୁ ଜୟପୁର ଚାରିଲେନ୍ ବିଶିଷ୍ଟ ଗ୍ରୀନ୍ ଫିଲ୍ଡ ଏକ୍ସପ୍ରେସ୍ ୱେ, ୮ ଲେନ୍ ବିଶିଷ୍ଟ ଦିଲ୍ଲୀ-ବଦୋଦରା ସଡ଼କ ଆଦି ଅନେକ ଜାତୀୟ ରାଜପଥ ପ୍ରକଳ୍ପ ଉଦ୍‌ଘାଟନ କରିବେ । ସେହିପରି ଯୋଧପୁର ନଗରକୁ ସଂଯୋଗ କରୁଥିବା ୪ ଲେନ୍ ବିଶିଷ୍ଟ ସଡ଼କ, ବାରାନ ଜିଲ୍ଲାରେ ମାଲାମୋରି-ମାଙ୍ଗ୍ରୋନ୍-ବାରାନ ରାଜ୍ୟ ରାଜପଥର ମଧ୍ୟ ଶିଳାନ୍ୟାସ କରିବେ ।

ଏତଦ୍‌ବ୍ୟତୀତ ଶ୍ରୀ ମୋଦୀ ରାଜସ୍ଥାନ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ସଂସ୍ଥାନରେ ନବନିଯୁକ୍ତ ୨୧ ହଜାର ୮୦୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ ।

ଅପରାହ୍ଣରେ ପ୍ରଧାନମନ୍ତ୍ରୀ ଗୁଜରାଟ ଗସ୍ତରେ ଯାଇ ସାନନ୍ଦଠାରେ ଅତ୍ୟାଧୁନିକ ମାଇକ୍ରନ୍ ସେମିକଣ୍ଡକ୍ଟର ଭାରତୀୟ ପ୍ରଯୁକ୍ତିବିଦ୍ୟା ନିଗମର ଉଦ୍‌ଘାଟନ କରିବେ । ଏହି ନିଗମରେ ସେମିକଣ୍ଡକ୍ଟର ନିର୍ମାଣ, ପରୀକ୍ଷଣ ଏବଂ ପ୍ୟାକେଜିଂ ନେଇ ସମସ୍ତ ବ୍ୟବସ୍ଥା ରହିଛି । ମୋଟ୍ ୨୨ ହଜାର ୫୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ସେମିକଣ୍ଡକ୍ଟର ମିଶନ ଆରମ୍ଭ କରାଯିବ । ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହେବା ଲକ୍ଷ୍ୟ

ନେଇ ସରକାର ଏହି ପଦକ୍ଷେପ ନେଇଛନ୍ତି । ଏଥିସହିତ ପ୍ରଥମ ମେଡ ଇନ୍ ଇଣ୍ଡିଆ ସେମିକଣ୍ଡକ୍ଟର ମେମୋରି ମଡ୍ୟୁଲର ବ୍ୟବସାୟିକ ଉତ୍ପାଦନ ହେବା ସହ ଏହାର ରପ୍ତାନୀ ମଧ୍ୟ ଆରମ୍ଭ କରାଯିବ । କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଏହି ସମାରୋହରେ ଉପସ୍ଥିତ ରହିବେ ।

## ଏଚ୍‌ଏମ୍-ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗତକାଲି ବିହାରରେ ଭାରତ-ନେପାଳ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକର ସୁରକ୍ଷା ସଂପର୍କିତ  ପ୍ରସଙ୍ଗର ସମୀକ୍ଷା କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ବେଆଇନ କାରବାର ରୋକିବା ଦିଗରେ ସୀମା ପରିଚାଳନା ବ୍ୟବସ୍ଥାକୁ ସଶକ୍ତ କରିବା ସହିତ ଏହା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ବିଶେଷକରି ସୀମାବର୍ତ୍ତୀ ଅଞ୍ଚଳରେ ବେଆଇନ ନିର୍ମାଣ, ଅନୁପ୍ରବେଶ, ଜବରଦଖଲ ଓ ବେଆଇନ ଆର୍ଥିକ କାରବାରକୁ ରୋକିବା  ଦିଗରେ ସରକାରଙ୍କ ଶୂନ୍ୟ ସହନଶୀଳ ନୀତି ଅନୁଯାୟୀ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ୱରାଷ୍ଟ୍ରମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।  ଏତଦ୍‌ବ୍ୟତୀତ ସମସ୍ତ ବ୍ୟାଙ୍କ ଏବଂ ସମବାୟ ସମିତିଗୁଡ଼ିକ ମଧ୍ୟ ନିଜ ନିଜ ଅଞ୍ଚଳରେ ହିତାଧିକାରୀମାନଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଇନ ଅନୁଯାୟୀ ଋଣ ପ୍ରଦାନ କରିବା ପ୍ରକ୍ରିୟାକୁ ଅଧିକ ସଶକ୍ତ କରିବା ଲାଗି ଶ୍ରୀ ଶାହା ପରାମର୍ଶ ଦେଇଛନ୍ତି । ଏହି ବ୍ୟବସ୍ଥାକୁ ସଂପୃକ୍ତ ଅଞ୍ଚଳର ଜିଲ୍ଲାପାଳ ନିରୀକ୍ଷଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ଏହାଛଡ଼ା ମୁଖ୍ୟ ଶାସନ ସଚିବ ସମବାୟ ବ୍ୟାଙ୍କଗୁଡ଼ିକର କାର୍ଯ୍ୟଶୈଳୀର ସମୀକ୍ଷା କରିବାକୁ ମଧ୍ୟ ଶ୍ରୀ ଶାହା କହିଛନ୍ତି ।

# ଭିପି- ଭିଜିଟ୍

ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ ଆଜିଠାରୁ ଦୁଇଦିନିଆ କେରଳମ୍ ଗସ୍ତରେ ଯିବେ । ଆଜି ସେ ଚାଙ୍ଗାନାସେରୀସ୍ଥିତ ସେଣ୍ଟ ବର୍ଚମାନ୍ସ ବିଦ୍ୟାଳୟର ଶତବାର୍ଷିକୀ ସମାରୋହର ଉଦ୍‌ଯାପନୀ ଉତ୍ସବରେ ଉଦ୍‌ବୋଧନ ଦେବେ । ଆସନ୍ତାକାଲି ଶ୍ରୀ ରାଧାକ୍ରିଷ୍ଣନ ତ୍ରିଶୂରସ୍ଥିତ ଦେବମଠ ସି.ଏମ୍.ଆଇ. ବିଦ୍ୟାଳୟଠାରେ ଚେତନା ଗଣାଶ୍ରମର ଶିଳାନ୍ୟାସ କରିବେ । ଏହାଛଡ଼ା ତିରୁବନନ୍ତପୁରମ୍‌ଠାରେ ସେଣ୍ଟ୍ ଷ୍ଟିଫେନ୍ସ ମହାବିଦ୍ୟାଳୟର ଶତବାର୍ଷିକୀ ସମାରୋହରେ ମଧ୍ୟ ଉପରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

# ଡବ୍ଲୁବି ଭୋଟର ଲିଷ୍ଟ୍

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପଶ୍ଚିମବଙ୍ଗରେ ଆଜି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଅସମାପ୍ତ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶରେ ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ନିୟୋଜିତ ନ୍ୟାୟିକ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇଥିବା ଏହି ତାଲିକାରେ ୭ କୋଟି ୮ ଲକ୍ଷ ଲୋକଙ୍କର ନାମ ରହିଛି । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ କୁମାର ଅଗ୍ରୱାଲ କହିଛନ୍ତି, ଆଜି ଅପରାହ୍ନରେ ଏହି ତାଲିକା ଅନ୍‌ଲାଇନ୍‌ରେ ଅପ୍‌ଲୋଡ କରାଯିବ । ଏହି ତାଲିକା ଭାରତର ନିର୍ବାଚନ ଆୟୋଗଙ୍କ ୱେବ୍‌ସାଇଟ୍,

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ୱେବ୍‌ସାଇଟ୍ ଏବଂ **eci net app**ରେ ଉପଲବ୍ଧ ହେବ । ଏହାର ନକଲ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ନିକଟକୁ ମଧ୍ୟ ପଠାଯିବ । ଏତଦବ୍ୟତୀତ ପ୍ରତ୍ୟେକ ଜିଲ୍ଲା ନିର୍ବାଚନ ଅଧିକାରୀ, ଜିଲ୍ଲା ମାଜିଷ୍ଟ୍ରେଟ୍, ଉପଖଣ୍ଡସ୍ତରୀୟ ଅଧିକାରୀ ଏବଂ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ମଧ୍ୟ ଏହି ତାଲିକା ପଠାଯିବ ।

# ପିଏମ୍-ସମିଟ୍

ବିଗତ ୧୧ ବର୍ଷ ମଧ୍ୟରେ ଭାରତ ନିଜର ସାମର୍ଥ୍ୟ ଏବଂ ଶକ୍ତି ସହିତ ଉତ୍ତମ ରୂପେ ପରିଚିତ ହୋଇପାରିଛି । ଦେଶର ସାମଗ୍ରିକ ବିକାଶ ଦିଗରେ ଏହାର ସତ୍ ଉପଯୋଗ କରିବା ଲାଗି ସରକାର ଅବିରତ ପ୍ରୟାସ ଜାରି ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମତବ୍ୟକ୍ତ କରିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ଦେଶର ଉତ୍ପାଦନ କ୍ଷମତାକୁ ଅଧିକ ସଶକ୍ତ କରିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି । ବିଶ୍ୱର ବିକଶିତ ରାଷ୍ଟ୍ରଗୁଡ଼ିକ ସହିତ ଅନେକ ଦେଶ ବର୍ତ୍ତମାନ ଭାରତ ସହିତ ବାଣିଜ୍ୟ ରାଜିନାମା ସ୍ୱାକ୍ଷର କରିବା ଲାଗି ଆଗେଇ ଆସୁଛନ୍ତି । ଭାରତ ସମସ୍ତ ପ୍ରକାର ସନ୍ଦେହ ଏବଂ ନିରାଶାକୁ ପଛରେ ପକାଇ ଆତ୍ମବିଶ୍ୱାସର ସହ ଅଗ୍ରଗତି କରୁଥିବାରୁ ଏ କ୍ଷେତ୍ରରେ ସମଗ୍ର ବିଶ୍ୱର ବିଶ୍ୱାସ ଭାଜନ ହୋଇପାରିଛି ।

**V/O (PM Trade Deal)**

# ସିବିଆଇ-ଏକ୍ସାଇଜ୍

ଦିଲ୍ଲୀ ମଦନୀତି ଦୁର୍ନୀତି ମାମଲାରେ ସଂପୃକ୍ତ ଅଭିଯୋଗରେ ଆମ୍ ଆଦ୍‌ମୀ ପାର୍ଟିର ଜାତୀୟ ଆବାହକ ଅରବିନ୍ଦ କେଜରିୱାଲ ଏବଂ ଅନ୍ୟତମ ନେତା ମନୀଷ ସିସୋଦିଆଙ୍କ ସମେତ ଅନ୍ୟମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବା ସଂପର୍କିତ ସ୍ଥାନୀୟ କୋର୍ଟଙ୍କ ରାୟ ବିରୋଧରେ ସିବିଆଇ ଦିଲ୍ଲୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଛି । ନିମ୍ନ ଅଦାଲତର ଏହି ରାୟ ପ୍ରକାଶ ପାଇବାର କିଛିଘଣ୍ଟା ପରେ ସିବିଆଇ ଏହି ପଦକ୍ଷେପ ନେଇଛି । ସିବିଆଇ କହିଛି, ତଦନ୍ତର ଅନେକ ଦିଗ ସମେତ ମାମଲା ସଂପର୍କିତ କେତେକ ଦସ୍ତାବିଜକୁ ତଳକୋର୍ଟ ବିଚାରକୁ ନେଇନାହାନ୍ତି । ୨୦୨୧ ମସିହାରେ ଦିଲ୍ଲୀ ସରକାରଙ୍କ ଦ୍ୱାରା ଏହି ଅବକାରୀ ନୀତି ପ୍ରଣୟନ କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହାର କାର୍ଯ୍ୟକାରିତାରେ ଅନେକ ଅନିୟମିତତାର ଅଭିଯୋଗ ଆସିବା ପରେ ଏହାକୁ ପ୍ରତ୍ୟାହୃତ କରାଯାଇଥିଲା । ତତ୍କାଳୀନ ଦିଲ୍ଲୀ ଉପରାଜ୍ୟପାଳ ବିଜୟ କୁମାର ସକ୍‌ସେନା ଏହାର ତଦନ୍ତ କରିବା ଲାଗି ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ ।

# କ୍ରିକେଟ୍ ଟି-୨୦

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ୍‌ର ସୁପର୍-୮ ପର୍ଯ୍ୟାୟରେ ଗ୍ରୁପ୍-୨ର ଏକ ମ୍ୟାଚ୍‌ରେ ଇଂଲଣ୍ଡ’ ନ୍ୟୁଜିଲ୍ୟାଣ୍ଡକୁ ୪ ୱିକେଟ୍‌ରେ ପରାସ୍ତ କରିଛି । କଲମ୍ବୋର ଆର୍. ପ୍ରେମଦାସା ଷ୍ଟାଡିୟମରେ ଗତରାତିରେ ଅନୁଷ୍ଠିତ ମ୍ୟାଚ୍‌ରେ ନ୍ୟୁଜିଲ୍ୟାଣ୍ଡ ଟସ୍ ଜିତିବା ପରେ ପ୍ରଥମେ

ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ହରାଇ ୧୫୯ ରନ୍ କରିଥିଲା । ଦଳ ପକ୍ଷରୁ ଗ୍ଲେନ୍ ଫିଲିପ୍ସ ୨୮ଟି ବଲ୍‌ରୁ ସର୍ବାଧିକ ୩୯ ରନ୍ କରିଥିଲେ । ୧୬୦ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରି ଇଂଲଣ୍ଡ ୧୯ ଓଭର୍ ଓ ୩ଟି ବଲ୍‌ରେ ୬ ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା । ଦଳ ପକ୍ଷରୁ ଟମ୍ ବ୍ୟାଣ୍ଟନ୍ ସର୍ବାଧିକ ୩୩ ରନ୍ କରିଥିଲେ । ୱିଲ୍ ଜ୍ୟାକ୍ସ ୩୨ ରନ୍ କରି ଅପରାଜିତ ରହିଥିବା ବେଳେ ୨ଟି ୱିକେଟ୍ ନେଇ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।

ଆଜି ଗ୍ରୁପ୍-୨ର ଏକ ମ୍ୟାଚ୍‌ରେ ପାକିସ୍ତାନ' ଶ୍ରୀଲଙ୍କାକୁ ଭେଟିବ । ଏହି ମ୍ୟାଚ୍ ଶ୍ରୀଲଙ୍କାର ପାଲେକେଲେ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମରେ ସନ୍ଧ୍ୟା ୭ଟାରେ ଖେଳାଯିବ । ଗତ ଗୁରୁବାର ଦିନ ଚେନ୍ନାଇଠାରେ ଅନୁଷ୍ଠିତ ସୁପର-୮ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଭାରତ' ଜିମ୍ବାୱେକୁ ୭୨ ରନ୍‌ରେ ପରାସ୍ତ କରିଛି ।

ଆସନ୍ତାକାଲି ଭାରତ କୋଲକାତାର ଇଡେନ୍‌ଗାର୍ଡେନ୍‌ଠାରେ ୱେଷ୍ଟଇଣ୍ଡିଜ୍‌କୁ ଭେଟିବ । ଏହି ମ୍ୟାଚ୍‌ର ଫଳାଫଳ ଉପରେ ଭାରତର ସେମିଫାଇନାଲ୍‌କୁ ଉନ୍ନୀତ ହେବା ନିର୍ଭର କରୁଛି । ପ୍ରତିଯୋଗିତାର ସେମିଫାଇନାଲ୍ ପର୍ଯ୍ୟାୟ ମ୍ୟାଚ୍ ଆସନ୍ତା ମାସ ୪ ଓ ୫ ତାରିଖରେ ଅନୁଷ୍ଠିତ ହେବା ସହ ୮ ତାରିଖରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।